ଗ୍ରାମୀଣ କୃଷି ମୌଷମ ସେବା
ମଧ୍ୟ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ କେନ୍ଦ୍ର
ମହିଷାପାଟ, ଢେଙ୍କାନାଳ- ୭୫୯ ୦୦୧

ସପ୍ତାହ ସଂଖ୍ୟା .୧୫

ବୁଲେଟିନ ନମ୍ବର : ୧୧୭
ତାରିଖ : ୧୨|୦୪ |୨୦୧୯
(ଶୁକ୍ରବାର)

ଡ. ମହମ୍ମଦ ଅବଦୁଲ ଅଲିମ
ଟେକନିକାଲ ଅଫିସର

ଅନୁଗୁଳ ଜିଲ୍ଲା

## ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୬.୦୪ .୨୦୧୯ ରୁ ୧୨.୦୪.୨୦୧୯)

| | |
|---|---|
| ବୃଷ୍ଟିପାତ (ମି.ମି.) | **7.6** |
| ସର୍ବାଧିକ ତାପମାତ୍ରା (ଡି.ସେ.) | **36.0-41.0** |
| ସର୍ବନିମ୍ନ ତାପମାତ୍ରା (ଡି. ସେ.) | **18.0-22.0** |

## ଆଞ୍ଚଳିକ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ଅନୁଯାୟୀ ଅଗ୍ରୀମ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନ ର ବେଗ (କି.ମି./ଘ.) | ପବନ ର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 13/4/2019 | 1 | 37 | 21 | 2 | 42 | 14 | 4 | 197 |
| 14/4/2019 | 0 | 39 | 22 | 3 | 42 | 13 | 6 | 186 |
| 15/4/2019 | 0 | 40 | 22 | 3 | 44 | 15 | 5 | 185 |
| 16/4/2019 | 0 | 41 | 22 | 1 | 50 | 14 | 4 | 168 |
| 17/4/2019 | 1 | 38 | 22 | 4 | 39 | 14 | 7 | 245 |

- ଆସନ୍ତା ଶନିବାର ଓ ବୁଧବାର ଦିନ ୨ ମି.ମି ବର୍ଷା ହେବାର ସମ୍ଭାବନା ଅଛି।
- ଆକାଶ ସମାନ୍ୟ ମେଘୁଆ ରହିବ। ସହିତ ୪-୭ କି.ମି.ପ୍ର.ଘ ବେଗରେ ପବନ ବୋହିପରେ ।
- ମାଟି ପରୀକ୍ଷା ବିବରଣୀ ବା ତଥ୍ୟ ମୁତାବକ ମାଟି ରେ ସାର ପ୍ରୟୋଗ କରନ୍ତୁ।
- ଯଦି ଦରକାର ନଥାଏ ଜଳସେଚନକୁ ବୁଧବାର ପର୍ଯ୍ୟନ୍ତ ସ୍ଥଗିତ ରଖନ୍ତୁ ।
- କୀଟନାଶକ ସହିତ ଅଠା ମିଶାଇ ସିଂଚନ କରନ୍ତୁ

**ଚିନାବାଦାମ :** ଗତ ସପ୍ତାହର ପାଣିପାଗ ଯୋଗୁଁ ଚିନାବାଦାମ ଫସଲରେ ସାଂବାଲୁଆ ର ଆକ୍ରମଣର ଆଶଙ୍କା ରହିଛି ,ଏହାକୁ ନିୟନ୍ତ୍ରଣ କରିବା ପାଇଁ ନିମ୍ନ ମତେ ପଦକ୍ଷେପ ଜରୁରୀ ।

- ପ୍ରାପ୍ତ ମାଛିର ସଂଖ୍ୟା ଜାଣିବା ପାଇଁ ଫେରୋମୋନ ଟ୍ରାପର ବ୍ୟବସ୍ଥା ।
- ଚଢେଇ ବସିବା ପାଇଁ ଫସଲ ମଝିରେ ଝଟା ର ବ୍ୟବସ୍ଥା ।
- ସାଂବାଲୁଆ ଦେଖାଗଲେ ବିଷ ବଟିକାର ବ୍ୟବସ୍ଥା । ଯଥା : ୧ କି,ଗ୍ରା କୁଣ୍ଡା ସହିତ ୨00 ଗ୍ରାମ ଗୁଡ ଓ ୨0-୨୫ ଗ୍ରାମ କରଟପ ହାଇଡ୍ରୋ କ୍ଲୋରଇଡ ଔଷଧ ଏବୋଂ ପାଣିରେ ପ୍ରସ୍ତୁତ କରି ଜମି ମଝିରେ ୨0-୨୫ ଜାଗାରେ ରହିବା ଦ୍ୱାରା ସୁଫଳ ମିଳେ ।

**ପନିପରିବା:** **ଅଦିନିଆ ବର୍ଷା** କାରଣରୁ ବାଇଗଣ ଚାଷରେ **ଝାଉଁଳା ରୋଗର** ସମ୍ଭାବନା ଅଧିକ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ 2.5 g copper oxychloride ସହିତ 1 g Plantomycin ମିଶାଇ ସିଂଚନ କରନ୍ତୁ । ବାଇଗଣ ରେ **ଫଳବିନ୍ଧା** ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଝାଉଂଳି ପଡିଥିବା ଅଗ ଡାଳ ଗୁଡିକ ଭାଙ୍ଗି ମାଟିରେ ପୋତି ଦିଅନ୍ତୁ । ପ୍ରଥମେ ଏକର ପ୍ରତି ୬୦୦ ମି . ଲି. ନିମ୍ବ ଜାତୀୟ ଔଷଧ ସିଂଚନ କରନ୍ତୁ । ପରବର୍ତୀ ଅବସ୍ଥାରେ ଏକର ପିଛା ୭୦ ମି . ଲି . ସ୍ପିନୋସାଡ ଓ ୩୦୦ ମି . ଲି . ଥିଓଡିକାର୍ବ ଔଷଧ କୁ ଅଦଳବଦଳ କରି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଂଚନ କରନ୍ତୁ ।

- ବର୍ତମାନ ପାଗରେ ପନିପରିବା ଫସଲରେ **ଜଉ ପୋକ ଓ ଧଳା ମାଛି ଶୋଷକ କୀଟ** ଲାଗିବାର ସମ୍ଭାବନା ଅଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ୧୦ ଲିଟର ପାଣିରେ ୫ ମି. ଲି. ଇମିଡାକ୍ଲୋପ୍ରିଡ ଔଷଧ ମିଶାଇ ସିଂଚନ କରନ୍ତୁ ।

**ଖରାଟିଆ ମୁଗ :**

- ତାପମାତ୍ରା କ୍ରମଶଃ ବଢିବା ହେତୁ ବିହନ ବୁଣାବୁଣି ଆରମ୍ଭ କରନ୍ତୁ ।
- ଶେଷ ଓଡ ଚାଷ ସମୟରେ ହେକ୍ଟର ପିଛା ୧ ଟନ ଶଢା ଗୋବର ଖତ ଜମିରେ ପ୍ରୟୋଗ କରନ୍ତୁ ।
- ପ୍ରତି କିଲୋଗ୍ରାମ ମଞ୍ଜିରେ ୫ ମି. ଲି . ଇମିଡାକ୍ଲୋପ୍ରିଡ ୬୦୦ ଏଫ. ଏସ. ଗୋଳାଇ ବିହନ ବିଶୋଧନ କରନ୍ତୁ ।
- ହେକ୍ଟର ପ୍ରତି ୨୫ କି. ଗ୍ରା. ବିହନ ବ୍ୟବହାର କରନ୍ତୁ, ଧାଡି କୁ ଧାଡି ୩୦ ସେ . ମି . ଓ ଗଛ କୁ ଗଛ ୧୦ ସେ . ମି . ବ୍ୟବଧାନ ରଖନ୍ତୁ ।
- ମଞ୍ଜି ବୁଣିବା ସମୟରେ ଏକର ପିଛା ୩୫ କି . ଗ୍ରା . ଡି ଏ ପି , ୪ କି . ଗ୍ରା . ୟୁରିଆ ଓ ଏମ ଓ ପି ସାର ପ୍ରୟୋଗ କରନ୍ତୁ ।
- ମଞ୍ଜି ବୁଣିବାର ଦିନକ ପରେ ଏକର ପିଛା ୧.୩ ଲିଟର ପେଣ୍ଡିମିଥାଲିନ ୩୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

ଉପରୋକ୍ତ ଉପଦେଶ ପ୍ରାପ୍ତ ସୂଚନା ଉପରେ ଆଧାରିତ । ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଙ୍କ ଦ୍ୱାରା ସ୍ୱୀକୃତ

କୃଷି ଭୀତିକ କୌଣସି ସମସ୍ୟା ପାଇଁ ଦେୟମୁକ୍ତ ନମ୍ବର ୧୮୦୦ ୧୮୦ ୧୫୫୧ ସହିତ ସମ୍ପର୍କ କରନ୍ତୁ।